## ନୂଆ ଥାନାଧିକାରୀଙ୍କୁ ସ୍ୱାଗତ

ବାସୁଦେବପୁର,(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ସୋମବାର ବାସୁଦେବପୁରର ନୂତନ ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ମଣ୍ଡଳର ସଭାପତି ସନାତନ ପୁରୀ, ସମ୍ପାଦକ କପିଳନାଥ ଶର୍ମାଙ୍କ ସମେତ କଳାକାରମାନେ ଥାନାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କଳାକାରଙ୍କ ମୌଳିକ ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ଥାନାଧିକାରୀ ନାୟକ କହିବା ସହ ମଣ୍ଡଳର କାର୍ଯ୍ୟାଳୟ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ହନୁମାନ ମୂର୍ତ୍ତିର ରକ୍ଷଣାବେକ୍ଷଣ ଦାବି

ପାଟଣା,୧୮।୯(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପଟଣା ବ୍ଲକ କେନ୍ଦେଇ ପଶି ଛକରେ ୨୦୦୦ ମସିହାରେ ନିର୍ମିତ ୩୩ ଫୁଟ ଉଚ୍ଚର ହନୁମାନ ମୂର୍ତ୍ତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଦୀର୍ଘ ଦିନ ହେବ ମୂର୍ତ୍ତିରେ ରଙ୍ଗ ମରା ନ ଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଅସୁନ୍ଦର ଦେଖାଯିବା ସହ ଶିଉଳି ଲାଗି ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି। ଖରା,ବର୍ଷା ଓ କାକରରେ ଛିଡ଼ା ହୋଇଥିବା ଏହି ମୂର୍ତ୍ତି ଉପରେ ଛାତଟିଏ ନ ଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ଏହି ମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ଦାବି ହେଉଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ଢେଙ୍କିକୋଟ, ୧୮।୯ (ନୀଳମଣି ମଣ୍ଡଳ)-କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅଧୀନ ବଡ଼ମସିଣାବିଲା ପଞ୍ଚାୟତ ବଡ଼ମସିଣାବିଲା ଗ୍ରାମ ମୁଣ୍ଡାସାହିରେ ପୋଖରୀରେ ଗାଧୋଇବା ବେଳେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଟୁସା ମୁଣ୍ଡା(୩୫)। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଟୁସା ଏବଂ ତାଙ୍କ ସ୍ତ୍ରୀ ବିଲ କାମ ସାରି ଗ୍ରାମ ପୋଖରୀରେ ଗାଧୋଉଥିଲେ। ଟୁସା ଗଭୀର ଜଳରେ ବୁଡ଼ିଯିବା ଦେଖି ତାଙ୍କ ସ୍ତ୍ରୀ ପାଟି କରି ବଞ୍ଚାଇବା ପାଇଁ କହିଥିଲେ। ମାତ୍ର ପାଖରେ କେହି ନ ଥିବାରୁ ବିଳମ୍ବରେ ଗ୍ରାମବାସୀ ଆସି ଟୁସାଙ୍କୁ ପୋଖରୀରୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଢେଙ୍କିକୋଟ ପୋଲିସ ବିଟ୍‌ହାଉସର ଏଏସ୍‌ଆଇ ସୁରଥ ଦେହୁରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନାରେ ଅପମୃତ୍ୟୁ ମାମଲା (ନଂ. ୫୫/୨୩) ରୁଜୁ ହୋଇଛି। ମୃତ ଟୁସାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ପାଇଁ ବଡ଼ମସିଣାବିଲା ସରପଞ୍ଚ ଝରଣା ଗିରି ଦାବି କରିଛନ୍ତି।

### ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ଧାମନଗର,୧୮।୯ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଡ଼ିଆ)- ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ଜଣେ ଯୁବକ ସୋମବାର ରେବ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଅଛନ୍ତି। ଉକ୍ତ ଯୁବକ ହେଲେ ଗ୍ରାମର ମାୟାଧର ପୋଇଙ୍କ ଏକମାତ୍ର ପୁଅ କିଶୋର। ସେ ମଧ୍ୟାହ୍ନରେ ଗାଁ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ଧାମନଗର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ୩ ଘଣ୍ଟା ଧରି ଖୋଜାଖୋଜି କରିଥିଲେ ମଧ୍ୟ କିଶୋରଙ୍କ ପତ୍ତା ମିଳିନାହିଁ। ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

# 'ପାନକୁ କୃଷିର ମାନ୍ୟତା, ଖଡ଼ି ଇକଡ଼କୁ ସହାୟତା ଦିଆଯାଉ'

ଭୋଗରାଇ, ୧୮।୯(ପ୍ରଦୀପ ଦାସ)

ପାନଚାଷକୁ କୃଷିର ମାନ୍ୟତା ଦେବା ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦୀର୍ଘବର୍ଷ ଧରି ପାନ ଚାଷୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ଦାବି କରିଆସୁଛନ୍ତି। ଏହି ଦାବି ପ୍ରତି କଂଗ୍ରେସ ଅମଳରୁ ଅଦ୍ୟାବଧି ବିଧାନସଭାରେ ଜନପ୍ରତିନିଧିମାନେ ବାରମ୍ବାର ସ୍ୱର ଉଠାଇବା ପରେ ରାଜ୍ୟ ସରକାର ପାନ ଓ କିଆଫୁଲ ଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାର ପାନକୁ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ୨ଶହ ବର୍ଗମିଟର ପରିଧିର ପାନବରଜ ଥିବା ଚାଷୀଙ୍କୁ ସହାୟତା ରାଶି ଲାଗି ଯୋଗ୍ୟବିବେଚିତ ହେବେ ବୋଲି କୁହାଯାଇଛି। ଏଥିପାଇଁ ପ୍ରତି ୟୁନିଟ୍‌କୁ ୨୫ ଶହ ଟଙ୍କା ଚାଷୀଙ୍କୁ ଯୋଗାଇ ଦେବା ସହ କିଷାନ କ୍ରେଡିଟ୍ କାର୍ଡ଼ରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି ସଚିବଙ୍କ ନିଷ୍ପତ୍ତି ଘୋଷଣା ପରେ ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ପାନଚାଷୀଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।


ବୈଠକରେ ପାନ ଚାଷୀସଂଘର କର୍ମକର୍ତ୍ତା।

କେତେକ ପାନଚାଷୀ ସରକାରଙ୍କ ଏହି ଘୋଷଣାନାମାକୁ ସ୍ୱାଗତ ଓ ବଳିଷ୍ଠ ପଦକ୍ଷେପ ବୋଲି କହିଥିବା ବେଳେ ଅନ୍ୟ କେତେକ ଚାଷୀ ଓ ଚାଷର ଉନ୍ନତି ପାଇଁ ଏହି ଯୋଜନା ଫଳପ୍ରଦ ହେବ ନାହିଁ ବୋଲି କହିଛନ୍ତି। ସୋମବାର ଓଡ଼ିଶାର ସର୍ବବୃହତ୍ ପାନ ମାର୍କେଟରେ ପାନ ଚାଷୀ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ରାଜ୍ୟ ସରକାରଙ୍କ ଘୋଷିତ ପାନଚାଷୀଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ ଘୋଷଣାକୁ ସ୍ୱାଗତ କରାଯାଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ବୀରକୁଳି ପାନ ଚାଷୀ ସଂଘ ଓ ପାନ ବ୍ୟବସାୟୀ ସଂଘର ପ୍ରାକ୍ତନ ସଭାପତି ଗୋପାଳ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଚାଷୀ ସଂଘ ସଭାପତି ବ୍ରଜଗୋପାଳ ଦାସ, କୃଷକ ସଂଘ ସମ୍ପାଦକ ଲକ୍ଷ୍ମୀକାନ୍ତ ଆଧେକ, ସଂଘ ସଦସ୍ୟ ହରିହର ତ୍ରିପାଠୀ, ଜୟନ୍ତ ଆଧେକ, ସନ୍ତୋଷ ସାହୁ, ଭଗବାନ ଦେ, ଦିଲୀପ ପାତ୍ର ଓ ଅନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପାନଚାଷୀଙ୍କୁ ସରକାରଙ୍କ ସହାୟତା ପ୍ରଦାନ ଚାଷୀଙ୍କ ଆର୍ଥିକ ଓ ସାମାଜିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ର ସରକାର ପାନକୁ କୃଷିର ମାନ୍ୟତା ଦେବାକୁ ଦାବି କରିଛନ୍ତି ପାନଚାଷୀ ଶ୍ରୀହରି ଚରଣ ସାମଲ। ପାନର ସାଥୀ ଖଡ଼ି ଇକଡ଼ ଚାଷୀଙ୍କୁ ଏହି ସ୍ୱତନ୍ତ୍ର ଯୋଜନାରେ ସାମିଲ କରି ଆର୍ଥିକ ସହାୟତା ଯୋଗାଇ ଦେବାକୁ କୃଷକ ମୋର୍ଚ୍ଚାର ରାଜ୍ୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ କହିଛନ୍ତି। ରାଜ୍ୟ ସରକାର ଘୋଷିତ ସ୍ୱତନ୍ତ୍ର ଆର୍ଥିକ ସହାୟତା ଚାଷୀଙ୍କୁ ସମ୍ପୂର୍ଣ୍ଣ ଆବଶ୍ୟକତା ପୂରଣ କରିବ ନାହିଁ, ପାନକୁ କୃଷିର ମାନ୍ୟତା ନ ମିଳିଲେ ଚାଷୀର ଉନ୍ନତି ହେବ ନାହିଁ। ଏହା ଆସନ୍ନ ନିର୍ବାଚନୀ ସରକାରଙ୍କ ଧୂଆଁବାଣ ବୋଲି କଂଗ୍ରେସ ନେତା ସତ୍ୟଶିବ ଦାସ ପ୍ରକାଶ କରିଛନ୍ତି।

### ପାନଚାଷୀଙ୍କୁ ସହାୟତା ନେଇ ମିଶ୍ର ପ୍ରତିକ୍ରିୟା

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଭଦ୍ରକ, ୧୮।୯ (ରବିନାରାୟଣ ଖିଲାର)



ଭଦ୍ରକ ସହରର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଭଦ୍ରକ-ଚାନ୍ଦବାଲି ଟ୍ରେକର ଷ୍ଟାଣ୍ଡର ବିଶ୍ୱକର୍ମା ପୂଜା ଅବସରରେ ବାଇପାସ୍‌ରୁ କଳସ ଶୋଭାଯାତ୍ରା ବାହାରି ସାଳନ୍ଦୀ ନଦୀରୁ କଳସ ବୁଡ଼ାଯାଇ ମଠସାହି, ରାଜଘାଟ ଛକ ଦେଇ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ତିହିଡ଼ି ବଉଳପାଳରୁ ଆସିଥିବା ଘଣ୍ଟ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। କର୍ତ୍ତା ଭାବେ ସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଖିଲାର କଳସ ବୁଡ଼ାଇଥିଲେ। କମିଟିର ଉପଦେଷ୍ଟା ଅଶୋକ କୁମାର ନାୟକ, ମାଲିକ ସୁରେନ୍ଦ୍ର ମୋହନ ରାୟ, ମାନସ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, କ୍ଷୀରୋଦ ରାଉତ, ବଷ୍ଟି ଦାସ, ଦିଲୀପ ଦାସ, ସେକ କୁନା ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ବିଜୟ କୁମାର ବହଳି ପୂଜାର୍ଚ୍ଚନା କରିଥିଲେ। ସେହିପରି ପାୱାର ହାଉସଠାରେ ବିଶ୍ୱକର୍ମା ପୂଜା ପାଇଁ ଆକର୍ଷଣୀୟ ତୋରଣ ହୋଇଛି। ଏସ୍‌ଡିଓ କାର୍ତ୍ତିକ ଚନ୍ଦ୍ର ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ବସ୍ ସିଣ୍ଡିକେଟ, ବାଇପାସ୍ ଟ୍ୟାକ୍ସି ଚାଳକ ସଂଘ, ଟେମ୍ପୁ ସଂଘ, ବ୍ୟବସାୟ ଅନୁଷ୍ଠାନ ଜୋହଲିର ପବିତ୍ର ମୋହନ ଖିଲାର ଓ ଚଇତାଳି ଖିଲାର, ଠିକାଦାର ସଂଘ ପକ୍ଷରୁ ଦେବଶିଳ୍ପୀଙ୍କ ପୂଜା ପାଳନ କରାଯାଇଛି।

**ଧାମନଗର, (ଦେବେନ୍ଦ୍ର ଆଡ଼ିଆ)**
ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ଧାମନଗର ବିଦ୍ୟୁତ୍ କାର୍ଯ୍ୟାଳୟ, ଅସୁରାଳି ବିଦ୍ୟୁତ୍ ଷ୍ଟ୍ରକ୍‌ଚର, ଧାମନଗର ଟେଲିଫୋନ ଭବନ, ବସ୍‌ଷ୍ଟାଣ୍ଡ, ମୋଟର ସଂଘ, ମିନି ଟ୍ରକ୍ ଷ୍ଟାଣ୍ଡ ଓ ଦୋବଲ ମୋଟର ସଂଘରେ ବିଶ୍ୱକର୍ମାଙ୍କୁ ଆରାଧନା କରାଯାଇଛି। ଧାମନଗର ଜୟନଗରସ୍ଥିତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ଧୁମ୍‌ଧାମ୍‌ରେ ପୂଜା ପାଳନ ହେଉଛି। ସେହିପରି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ବିଦ୍ୟୁତ୍ ଯନ୍ତ୍ରାଂଶ ମରାମତି ଦୋକାନରେ ଖାତା ପୂଜା କରାଯାଇଥିଲା।

**ଭଦ୍ରକ,୧୮।୯ (ସନାତନ ରାଉତ)**
ଭଦ୍ରକ ବସ୍ ସିଣ୍ଡିକେଟ, ବନ୍ତ ଛକ ଟ୍ରେକର ଷ୍ଟାଣ୍ଡ, ଚରମ୍ପା ଆଇଟିଆଇ, ଅବନ୍ତିକା କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ବିଧି ପୂର୍ବକ ଘଟୋତ୍ତଳନ, ଆବାହନ, ସଂସ୍ଥାପନ, ପୁଷ୍ପାଞ୍ଜଳି ପ୍ରଦାନ ପରେ ପ୍ରସାଦ ସେବନ କରାଯାଇଥିଲା। ଚରମ୍ପା ଆଇଟିଆଇରେ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବସ୍ ସିଣ୍ଡିକେଟ ପକ୍ଷରୁ ନିକଟସ୍ଥ ସାଳନ୍ଦୀ ନଦୀଘାଟରୁ ଘଟୋତ୍ତଳନ କରାଯାଇ ପୂଜା ଅନୁଷ୍ଠିତ ହୋଇଥିଲା।

# ବିଜେଡିରେ ପୂର୍ବତନ ସମିତିସଭ୍ୟଙ୍କ ସମେତ ଶତାଧିକ କର୍ମୀ


ମିଶ୍ରଣ ପର୍ବରେ ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ସହ ବିଜେଡି କର୍ମକର୍ତ୍ତା ଓ ନୂତନ କର୍ମୀ।

ତିହିଡ଼ି,୧୮।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ପୀରହାଟସ୍ଥିତ କାର୍ଯ୍ୟାଳୟରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାମନବିନ୍ଧାର ପୂର୍ବତନ ସମିତିସଭ୍ୟ ପ୍ରଫୁଲ୍ଲ ପାଢ଼ୀ ଓ ଗୋବିନ୍ଦପୁରର ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ନାୟକଙ୍କ ସମେତ ରମଣ ରଞ୍ଜନ ମହାନ୍ତି, ଇନ୍ଦ୍ରମଣି ବାରିକ, ବିନୋଦ ବାରିକ, ଆନନ୍ଦ ବାରିକ, ଅବିନାଶ ମହାକୁଡ଼, ପ୍ରକାଶ ପାଣ୍ଡବ, ସୁଦାମ ମହାକୁଡ଼ ପ୍ରମୁଖ ୯ ପଞ୍ଚାୟତର ଶତାଧିକ କର୍ମୀ ଅନ୍ୟ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁଙ୍କ ସଞ୍ଚାଳନରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇଥିଲେ। ବିଧାୟକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ଆସନ୍ତା ବିଧାନସଭା ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଚାନ୍ଦବାଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନରେଶ ମାଝୀ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଅମୂଲ୍ୟ କୁମାର ମାଝୀ, ରାଜ୍ୟ ପରିଷଦ ସଦସ୍ୟ ଇଂ. ସ୍ୱର୍ଣ୍ଣଲତା ନାୟକ, ବରିଷ୍ଠ ନେତା ବୈଲୋଚନ ନାୟକ, ବିପିନ ରାଉତ, ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ, ପ୍ରଭାତ ମିଶ୍ର, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ବିଶ୍ୱାଳ, ଅମର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନେତା ନୃସିଂହ ମହାକୁଡ଼, ହରିଶ୍ଚନ୍ଦ୍ର ବାରିକ, ହିମାଦ୍ରୀ ମିଶ୍ର, ଅଜୟ ରାଉତ, ଲିଙ୍ଗରାଜ ନାୟକ, ଅଜୟ ବଳ, ଦେବେନ୍ଦ୍ର ମହାକୁଡ଼, କରୁଣାକର ମହାନ୍ତି, କେଦାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌ପିସି କଲେଜ ପୁରାତନ ଛାତ୍ର ସଂସଦର ବୈଠକ

ବାରିପଦା,୧୮।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏମ୍‌ପିସି)ର ୭୫ବର୍ଷ ପ୍ରତିଷ୍ଠା ଉତ୍ସବ ପାଳନ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ପୁରାତନ ଛାତ୍ର ସଂସଦର ଏକ ବୈଠକ ସଂସଦର ସଭାପତି ଡ. ବିଜୟ କୁମାର ଅଗ୍ରୱାଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସମ୍ପାଦକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ବିବରଣୀ ପାଠ ଏବଂ ସଂସଦର ଉପସଭାପତି ପ୍ରୀତିଶ କୁମାର ବସା ଉତ୍ସବର ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠା ଦିବସ ପାଳନ ସକାଶେ ପୁରାତନ ଛାତ୍ର ତଥା ବର୍ତ୍ତମାନର ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି। ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଚିନ୍ମୟ ଦାସ ପଟ୍ଟନାୟକ, ଜୀବନ ସାହୁ, ସୌମ୍ୟରଞ୍ଜନ ପଟ୍ଟନାୟକ, ଶ୍ରୀନିବାସ ଭଞ୍ଜ, ହରିହର ଦାସ, ଦିବ୍ୟବ୍ରତ ମହାନ୍ତି, ଗିରିଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଆଲୋଚନା ଅନୁଯାୟୀ ଆସନ୍ତା ଜାନୁୟାରୀ ୫,୬ ଓ ୭ ତାରିଖ ତିନିଦିନ ଧରି ଏହି ଉତ୍ସବ ପାଳନ କରାଯିବା ସକାଶେ ସ୍ଥିର ହୋଇଥିଲା। ମହାବିଦ୍ୟାଳୟର ସଂଯୋଜିକା ଅଧ୍ୟାପିକା ରାଇମଣି ମାର୍ଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ବୈଠକ ଚଳିତ ମାସ ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ବାରିପଦା ବଡବଜାରସ୍ଥିତ ପୁରାତନ ରାଜପ୍ରାସାଦର ୩୮ ନମ୍ବର କୋଠରୀରେ ଅନୁଷ୍ଠିତ ହେବ। ସମସ୍ତ ପୁରାତନ ଛାତ୍ରୀଛାତ୍ର ଉକ୍ତ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସକାଶେ ଅନୁରୋଧ କରାଯାଇଛି।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଦଳରେ ଖୁଣ୍ଟା ବ୍ଲକରୁ ୨ ଛାତ୍ରୀଛାତ୍ର


ରାଜ୍ୟସ୍ତରକୁ ମନୋନୀତ ୨ ଛାତ୍ରୀଛାତ୍ର।

ଖୁଣ୍ଟା,୧୮।୯(ଦେବରଞ୍ଜନ ବେହେରା)- ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଦଳରେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକରୁ ୨ ଛାତ୍ରୀଛାତ୍ର ସ୍ଥାନ ପାଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଖୁଣ୍ଟା ବ୍ଲକ ଅଧୀନ ଡୁକୁରାସ୍ଥିତ ଭଞ୍ଜଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ର ଆୟୁଷ୍ମାନ ରାୟ ଓ ବାଳିକା ବିଭାଗରୁ ଶତୋଙ୍ଗିନୀ ହୋତା ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାଯାଇଛି। ଏହି ସଫଳତା ପାଇଁ ଦୁଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭକାମନା ଜଣାଯାଇଛି।

# ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ
# ଲକର କାଟି ନ ପାରି ଦୁର୍ବୃତ୍ତ ଛୁ

ଭୋଗରାଇ, ୧୮।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ବେଣୁଦା ଛକଠାରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ରବିବାର ମଧ୍ୟରାତିରେ ଦୁର୍ବୃତ୍ତଙ୍କ ଦ୍ୱାରା ବ୍ୟାଙ୍କ ଲୁଟ୍ ଉଦ୍ୟମ ଫେଲ୍ ମାରିଛି। ୫ରୁ ୬ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ବ୍ୟାଙ୍କ ଗ୍ରୀଲ ଗେଟ ଗ୍ୟାସ୍ କଟରରେ କାଟି ମୁହଁରେ କଳା ମୁଖା ଲଗାଇ ବ୍ୟାଙ୍କ ଭିତରକୁ ପଶିଥିଲେ। ଏହି କାର୍ଯ୍ୟ ବ୍ୟାଙ୍କ ଭିତରେ ଥିବା ସିସି କ୍ୟାମେରରେ କଏଦ ହୋଇଛି। ବ୍ୟାଙ୍କରେ ଗଚ୍ଛିତ ଥିବା ଲକରକୁ କାଟି ନ ପାରି ଦୁର୍ବୃତ୍ତମାନେ ଛୁ ମାରିଛନ୍ତି। ସୋମବାର ବ୍ୟାଙ୍କ କର୍ମଚାରୀ ଗ୍ରୀଲ୍‌ଗେଟ କଟାଯାଇଥିବା ଦେଖି କମର୍ଦ୍ଦା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଚଳାଇଛି।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ରୂପସା, ୧୮।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଦଣ୍ଡିକା ସ୍କୁଲ ନିକଟରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ଖବର ପାଇ ଜାତୀୟ ରାଜପଥ ଏବଂ ବସ୍ତା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୭୭/୨୩) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସୋର ମାରାଥନ ପାଇଁ ୱେବ ସାଇଟ୍ ଉନ୍ମୋଚିତ

ସୋର,୧୮।୯(ଜନ୍ମେଜୟ ମିଶ୍ର)

ସୋର ମାରାଥନ ପାଇଁ ୱେବ୍‌ସାଇଟ୍ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଏହି ୱେବସାଇଟ୍‌କୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସଞ୍ଜୟ ଦାସ, ଉପସଭାପତି ଅବଦୁଲ ଉଦୁତ ଖାନ, ରମେଶ କୁମାର ପ୍ରଧାନ, ସମ୍ପାଦକ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ଭଗବାନ ଲେଙ୍କା, ଶ୍ରୀକାନ୍ତ ରଣା, ଅଜିତ କୁମାର ନାୟକ, ଦିବାକର ପଣ୍ଡିତ, ରମେଶ ଲେଙ୍କା,ମାଧ ରଣା, କୃଷ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୧୯ ତାରିଖ ସକାଳ ୭ଟା ସମୟରେ ସୋର ଟାଉନ ହଲଠାରୁ ମାରାଥନ ଆରମ୍ଭ ହୋଇ ଉତ୍ତରେଶ୍ୱରରୁ ୟୁଟର୍ନ ନେଇ ସୋର ମହିଳା ମହାବିଦ୍ୟାଳୟଠାରେ ଶେଷ ହେବ ବୋଲି କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ମୋଟ ୬ଟି ଗ୍ରୁପ କରାଯାଇଛି। ମହିଳାଙ୍କ ପାଇଁ ଗୋଟିଏ ଗ୍ରୁପ, ପୁରୁଷଙ୍କ ପାଇଁ ୪ଟି ଗ୍ରୁପ ଏବଂ ଦମ୍ପତିଙ୍କ ପାଇଁ ସ୍ୱତନ୍ତ୍ର ଗ୍ରୁପର ଆୟୋଜନ କରାଯାଇଛି। ପ୍ରତିଯୋଗୀମାନେ ଆସନ୍ତା ୨୫ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସୋର ମାରାଥନ ୱେବସାଇଟ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ବୋଲି କମିଟି ସୂଚନା ଦେଇଛି।



ୱେବସାଇଟ୍ ଉନ୍ମୋଚନ ଅବସରରେ ଉପସ୍ଥିତ ବିଧାୟକ ପର୍ଶୁରାମ ଧଡ଼ା ଓ ଅନ୍ୟମାନେ।

# ଅପହରଣ ପରେ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୧୮।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ଥାନା ଅଧୀନ ଅସନା ଗ୍ରାମର ଲଦନାଥ ଟୁଡୁ।

ଅଭିଯୁକ୍ତ ଲଦନାଥ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ କରିନେବା ସହ ବଳାତ୍କାର କରିଥିଲେ। ତେବେ କୌଶଳ କ୍ରମେ ପୀଡ଼ିତା ଅପହରଣକାରୀଙ୍କ କବଳରୁ ଖସି ଆସିବା ପରେ ପରିବାର ଲୋକେ ଶନିବାର ରାତିରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୫୫/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# ଅପରେଶନ ଥିଏଟର ଉଦ୍‌ଘାଟିତ

### କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଯୋଡ଼ା,୧୮।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ପୂର୍ବାହ୍ନରେ ଏକ ଅତ୍ୟାଧୁନିକ ଅପରେଶନ ଥିଏଟର ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦୀର୍ଘ ଦିନ ଧରି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ବେଳେ ଅସ୍ତ୍ରୋପଚାର ନିମନ୍ତେ କୌଣସି ସୁବିଧା ଉପଲବ୍ଧ ନ ଥିଲା। ଗ୍ରାମାଞ୍ଚଳ ଓ ସହରର ଲୋକଙ୍କ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅପରେଶନ ଥିଏଟରଟି ଉଦ୍‌ଘାଟିତ ହେବା ସହିତ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ଅତ୍ୟାଧୁନିକ ଅପରେଟିଂ ଟେବୁଲ ସହିତ ଏଲ୍‌ଇଡି ସର୍ଜିକାଲ ସିଲିଂ ଲାଇଟ୍, ବିଭିନ୍ନ ଚିକିତ୍ସା ଉପକରଣ, ପ୍ରସୂତିଙ୍କ ପାଇଁ ସହଜ ଓ ସରଳ ପଦ୍ଧତିରେ ପ୍ରସବ ଲାଗି ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହାସହିତ ଗର୍ଭାଶୟ, ଟ୍ୟୁମର ଜନିତ ସମସ୍ୟା ଥିବା ରୋଗୀଙ୍କ ପାଇଁ ସମସ୍ତ ଆବଶ୍ୟକ ଚିକିତ୍ସା ଉପଲବ୍ଧ ହେବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଡା.ଶିଶିରା ପଟ୍ଟନାୟକ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମାରଯୋଡ଼ା ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଅପରେଶନ ଥିଏଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଭୋଗରାଇରେ ବଜ୍ରପାତ : ୪ ଆହତ, ଜଣେ ଗୁରୁତର**

ଭୋଗରାଇ,(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ସୋମବାର ମଧ୍ୟାହ୍ନରେ ବଜ୍ରପାତ ହୋଇ ୪ଜଣ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଆହତମାନେ ଦେଉଳାହାଟ ବାସିନ୍ଦା ହୋଇଥିବା ବେଳେ ଗୁରୁତର ଯୁବକଙ୍କ ନାମ ରଘୁନାଥ ସାହୁ। ତାଙ୍କ ଘର ଦେଉଳା ହାଟ ସରସ୍ୱତୀପୁର ଗ୍ରାମରେ। ସେ ପାନ ଦୋକାନରେ ଖିଲିକାତିରେ ଗୁଆ କାଟୁଥିବା ବେଳେ ପାଖରେ ଥିବା ନଡ଼ିଆ ଗଛରେ ଶକ୍ତିଶାଳୀ ବଜ୍ରପାତ ହୋଇଥିଲା।



**ସଂକ୍ଷେପରେ**

## କଟୁରି ଚୋଟରେ ୩ ଗୁରୁତର

### ଘରୋଇ କଳହରୁ ରକ୍ତାକ୍ତ ସଂଘର୍ଷ

ଲଙ୍ଗଳେଶ୍ୱର, ୧୮।୯ (କମଳାକାନ୍ତ ଦାସ)- ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଲଙ୍ଗଳେଶ୍ୱର ଗ୍ରାମରେ ରବିବାର ଘରୋଇ କଳହକୁ କେନ୍ଦ୍ରକରି ରକ୍ତାକ୍ତ ସଂଘର୍ଷ ଘଟିଛି। କଟୁରିରେ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲଙ୍ଗଳେଶ୍ୱର ଗ୍ରାମର ସୁଶାନ୍ତ ଗିରିଙ୍କର ସନ୍ଧ୍ୟାରେ କୌଣସି କଥାକୁ ନେଇ ତାଙ୍କ ମା' ସାବିତ୍ରୀଙ୍କ ସହ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁଶାନ୍ତ ଏକ କଟୁରିରେ ସାବିତ୍ରୀଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ସାବିତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଭାଉଜ କବିତାଙ୍କୁ ମଧ୍ୟ ସୁଶାନ୍ତ ଆକ୍ରମଣ କରିଥିଲେ। ପରେ ବଡ଼ ଭାଇ ଗୋପାଳ ପହଞ୍ଚି କ'ଣ ପାଇଁ ଆକ୍ରମଣ କଲୁ ବୋଲି ସୁଶାନ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ମଧ ଛାଡ଼ି ନ ଥିଲେ। ଗାଳିଗୁଲଜ ସହ ଆକ୍ରମଣ କରିବାରୁ ଗୋପାଳ ଉତକ୍ଷିପ୍ତ ହୋଇ କଟୁରିରେ ସାନ ଭାଇ ସୁଶାନ୍ତଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସାନ ଭାଇଙ୍କୁ ଆକ୍ରମଣ ଅଭିଯୋଗରେ ବଡ଼ ଭାଇ ଗୋପାଳଙ୍କୁ ପୋଲିସ ଅଟକ ରଖିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ, ଜଣେ ଗୁରୁତର

ଚାନ୍ଦବାଲି, ୧୮।୯ (କିଶାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନ ଘଣ୍ଟେଶ୍ୱର ବଜାରରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଘଣ୍ଟେଶ୍ୱର ବାଲିପଦା ଅଞ୍ଚଳର ମାନସ ବେହେରା ଓ ଗୁରୁତର ଶ୍ରମିକ ହେଉଛନ୍ତି ଶ୍ରୀକାନ୍ତ ଦାସ। ବଜାରରେ ଟେଲିଫୋନ ଖୁଣ୍ଟି ଉଠାଉଥିବା ବେଳେ ସେମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ତିହିଡ଼ି ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ମାନସଙ୍କୁ ମୃତ ଘୋଷଣା କରିଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୈଶିଙ୍ଗା, ୧୮।୯ (ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ରବିବାର ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ବିରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ପ୍ରତ୍ୟୁଷ କୁମାର ହୁଇ, ସମ୍ମାନୀତ ଅତିଥି ଭାବେ ନନ୍ଦ କିଶୋର ଜେନା, ହରିଶ ଚନ୍ଦ୍ର ଗିରି , ଅନୁଷ୍ଠାନର ଅଧ୍ୟକ୍ଷ ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୧-୨୦୨୩ ଶିକ୍ଷା ବର୍ଷରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଫିଟର ଟ୍ରେଡ୍‌ରୁ ଦୁଇ ଜଣ ଓ ଇଲେକଟ୍ରିସିଆନ ଟ୍ରେଡରୁ ଦୁଇ ଜଣଙ୍କୁ ମିଶାଇ ମୋଟ ୪ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

# ଆଜି ପୂଜା ପାଇବେ ବୁଢ଼ା, ଟୋକା ଓ ପିଲା ଗଣେଶ

ଭଦ୍ରକ, ୧୮।୯ (ସନାତନ ରାଉତ)

ମଙ୍ଗଳବାର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ଭଦ୍ରକର ପ୍ରସିଦ୍ଧ ବୁଢ଼ା, ଟୋକା ଓ ପିଲା ଗଣେଶ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୂଜାକୁ ନେଇ ସମସ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଭଦ୍ରକ ଜିଲାରେ କାଳୀପୂଜା ପରେ ଗଣେଶ ପୂଜା ଗଣପର୍ବର ପରିଚୟ ପାଇଛି। ଜିଲାର ବିଭିନ୍ନ ମଣ୍ଡପରେ ପୂଜା ଆୟୋଜନ ହେଉଥିବା ବେଳେ ସହରର ପୁରୁଣାବଜାରରେ ବୁଢ଼ା, ଟୋକା ଓ କୁଆଁସରେ ପିଲା ଗଣେଶ ପୂଜା ଏକମାସ ଧରି ପାଳିତ ହୁଏ। ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ତିଆରି ସମ୍ପୂର୍ଣ୍ଣ ହୋଇଥିବା ବେଳେ ସୋମବାର କାରିଗର ଶେଷ ସ୍ପର୍ଶ ଦେଇଛନ୍ତି।

ପ୍ରାୟ ୫ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ମୋଗଲ ଶାସନ କାଳରୁ ପୁରୁଣାବଜାର ପୂଜା ମଣ୍ଡପରେ ବୁଢ଼ା ଗଣେଶ ପୂଜା



ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର।

ଆରମ୍ଭ କରାଯାଇଥିବା କମିଟି ସଭାପତି ଅଜୟ କୁମାର ସାହୁ କହିଛନ୍ତି। ଭଦ୍ରକର ମୋଗଲ ତାମସା ସହ ଏହି ପୂଜାର ଐତିହାସିକ ସମ୍ପର୍କ ରହିଛି। ଏକ ମାସ ଧରି ପୂଜା ଚାଲିବା ସମୟରେ ତାହା ମଧ୍ୟରେ ପୂଜା ମଣ୍ଡପରେ ରାଧାଷ୍ଟମୀ, ସୁନିଆଁ, ଅନନ୍ତବ୍ରତ, ଦୂତିବାହନ ଆଦି ଓଷା ଅନୁଷ୍ଠିତ ହେବ। ଭସାଣି ଉତ୍ସବରେ ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ସାମିଲ ହେଉଥିବାରୁ ଏହା ଭାଇଚାରାର ପର୍ବ ବୋଲି କମିଟି ସମ୍ପାଦକ ମନୋରଞ୍ଜନ ସାହୁ କହିଛନ୍ତି। ସେହିପରି ୧୯୭୦ରୁ ଟୋକା ଗଣେଶ ପୂଜା ହୋଇଆସୁଛି। କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ପଣ୍ଡା ପ୍ରମୁଖ ପୂଜା ପରିଚାଳନାର ଦାୟିତ୍ୱ ନେଇଛନ୍ତି। ୧୯୯୩ରୁ କୁଆଁସଠାରେ ପିଲା ଗଣେଶ ପୂଜା ଅନୁଷ୍ଠିତ ହୋଇଆସୁଛି। ଏହାବ୍ୟତୀତ କାଞ୍ଚନ ଓ ଛୁଆ ଗଣେଶ ପୂଜା ପାଇବେ।

## ବିଜ୍ଞାନ ସେମିନାରରେ ୫୦ ଛାତ୍ରୀଛାତ୍ର




ଜଳେଶ୍ୱର, ୧୮।୯ (ରବିନାରାୟଣ ପାତ୍ର)

ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ଓ ରୋଲ ପ୍ଲେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ୫୮ଟି ଉଚ୍ଚ ବିଦ୍ୟାଳୟରୁ ୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାଲିଆପାଳ ବ୍ଲକର ଗଣେଶ ଚନ୍ଦ୍ର ଆଚାର୍ଯ୍ୟ ଓ ସୌମ୍ୟରଞ୍ଜନ ଜେନା ବିଚାରକ ଭାବେ ଯୋଗ ଦେଇଥିଲେ । ସାମ୍ପ୍ରତିକ ସମାଜରେ କୃଷି କ୍ଷେତ୍ରରେ ସୁଆଁ, ବାଜରା ଓ ମାଣ୍ଡିଆ ଚାଷର ଅଗ୍ରଗତି ଓ ଏଥିରୁ ଅଧିକ ଭିଟାମିନ ମିଳୁଥିବା ଉପସ୍ଥିତ ବକ୍ତାମାନେ କହିଥିଲେ। ସେହିପରି ରୋଲ ପ୍ଲେରେ ୨ଟି ଗ୍ରୁପରୁ ୪ଜଣ ଲେଖାଏଁ ଛାତ୍ରୀ ଭାଗନେଇଥିଲେ। ଏଚ୍‌ଆଇଭି ଓ ଏଡ୍‌ସ ଏବଂ ବହୁଳ ଡ୍ରଗ୍ସ ବ୍ୟବହାରର କୁପରିଣତି ସମ୍ପର୍କରେ ଆଲୋଚନାରେ ପ୍ରତିଯୋଗୀମାନେ ମତବ୍ୟକ୍ତ କରିଥିଲେ। ସେଠାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶୀକାନ୍ତ ପ୍ରଧାନ ଓ ମୂରଲୀଧର ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ। ବିଜ୍ଞାନ ସେମିନାରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜ ବିହାରୀ ପ୍ରଧାନ, ଓଷ୍ଟାର ଜିଲା ସଭାପତି ମନୋରଞ୍ଜନ ଦାସ, ଜଳେଶ୍ୱର ବ୍ଲକ ସଭାପତି ସୁକୁମାର ମିଶ୍ର, ସମ୍ପାଦକ ଡ. ଅଜିତ୍ କୁମାର ମହାନ୍ତି, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ସୁଶାନ୍ତ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଏବିଇଓ ଅଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ ।

# ଓଟିରୋଡରେ ଲାଗିଲା ସିସିଟିଭି କ୍ୟାମେରା



ସିସି କ୍ୟାମେରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ବାଲେଶ୍ୱର, ୧୮।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକରେ ଲଗାଯାଉଛି ସିସିଟିଭି କ୍ୟାମେରା। ଏହି କ୍ରମରେ ସହରର ଓଟିରୋଡର ଖିମ୍‌ଜୀ ଛକଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ଉଦ୍‌ଘାଟନ କରାଯାଇଛି।

ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ୍ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହର ସାଧାରଣଜନତାଙ୍କ ଦ୍ୱାରା ମିଳିତ ଭାବେ କିଛି କିଛି ଛକରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯିବ। ଏଥିପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଓଡ଼ିନେଟ ଇନ୍‌ଫକମ୍‌ର ଫାଇବର ନେଟୱାର୍କ ବ୍ୟବହାର କରାଯାଉଛି। ଖିମ୍‌ଜୀ ଛକରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ସେହି କ୍ରମରେ ଅନନ୍ତ ଅନଙ୍ଗ ସୋସିଆଲ୍ ଆକ୍ସନ୍ ଟ୍ରଷ୍ଟ ସହଯୋଗ ପ୍ରଦାନ କରିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଟ୍ରଷ୍ଟ ପକ୍ଷରୁ ୪ଟି ୮ ମେଗା ପିକ୍‌ସେଲ୍ କ୍ୟାମେରା ପ୍ରଦାନ କରାଯାଇଥିବା ବେଳେ ଏହାଦ୍ୱାରା ସହଜରେ ଅପରାଧ ନିୟନ୍ତ୍ରଣ ହୋଇ ପାରିବ ବୋଲି ଟ୍ରଷ୍ଟ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି ସୂଚନା ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ବାଲେଶ୍ୱର ପୋଲିସକୁ ଟ୍ରଷ୍ଟ ପକ୍ଷରୁ ସହଯୋଗ ପ୍ରଦାନ ଜାରି ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଡ଼ିଶ୍ନାଲ ଏସ୍‌ପି ପ୍ରଦୀପ କୁମାର ଦଳେଇ, ଡିଏସ୍‌ପି ଆଲୋକ ରଞ୍ଜନ ରାୟ, ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ, ଡିଏସ୍‌ପି ବ୍ରଜମୋହନ ପ୍ରଧାନ, ସହଦେବଖୁଣ୍ଟା ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି, ଶିଳ୍ପାଞ୍ଚଳ ଥାନା ଆଇଆଇସି ଘନଶ୍ୟାମ ବେହେରା ଉପସ୍ଥିତ ଥିଲେ।

## ମହିଳାଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ୭ ବର୍ଷ ଜେଲ

କେନ୍ଦୁଝର, ୧୮।୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)- ଜଣେ ବିଧବା ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟ ଜଜ୍ ବିଜୟ କୁମାର ମିଶ୍ର ସୋମବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଦୋଷୀ ତେଲକୋଇ ବ୍ଲକ କୁଲଙ୍ଗ ଗ୍ରାମର ବିନୋଦ ପାତ୍ର(୪୫)ଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୧୯ ସେପ୍ଟେମ୍ବର ୧ ରାତିରେ ଜଣେ ବିଧବା ମହିଳା ଘରେ ନିଜର ଦିବ୍ୟାଙ୍ଗ ପୁଅ ସହ ଶୋଇଥିବା ବେଳେ ବିନୋଦ ଘର ଭିତରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ଗୋଇଠା ମାରି ନାକ ଫଟାଇଥିଲେ। ପାଟି କରିବାରୁ ବିନୋଦ ଦୌଡ଼ି ପଳାଇଥିଲେ। ଯିବା ସମୟରେ ଥାନାରେ ଅଭିଯୋଗ କଲେ ବୋମା ପକାଇ ମାରିଦେବେ ବୋଲି ବିନୋଦ ମହିଳାଙ୍କୁ ଧମକ ଦେଇଥିଲେ। ୩ ତାରିଖରେ ଅଭିଯୋଗ ପାଇ ତେଲକୋଇ ପୋଲିସ ଏକ ମାମଲା (ନଂ.୯୨/୨୦୧୯) ରୁଜୁ କରି ବିନୋଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଏବଂ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଣି କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

## ବିଡିଓଙ୍କ ବଦଳି ବାତିଲ ଦାବିରେ ଧାରଣା

ବେତନଟୀ, ୧୮।୯ (ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ବିଡିଓ ଛବିରାଣୀ ସାହୁଙ୍କ ବଦଳି ବାତିଲ ଦାବିରେ ସୋମବାର ମିଶନଶକ୍ତିର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଏସ୍‌ଡିପିଓ ସୁଦର୍ଶନ ଦାସ, ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ନୂତନ ବିଡିଓ ଭାବେ ନିର୍ଲିପ୍ତା ମହାନ୍ତି କାର୍ଯ୍ୟରେ ଯୋଗ ଦେଇଥିଲେ।

ମିଶନ ଶକ୍ତିର ମହିଳାମାନେ କିଭଳି ଆତ୍ମନିର୍ଭରଶୀଳ ହେବେ ସେଥିନେଇ ପୂର୍ବତନ ବିଡିଓ ସାହୁ ବିଶେଷ ଭାବେ ଦାୟିତ୍ୱ ନେଇ କାର୍ଯ୍ୟ କରିବା ସହ ମହିଳାମାନଙ୍କୁ ଉତ୍ସାହିତ କରୁଥିବା ଧାରଣାରତ ମହିଳାମାନେ କହିଛନ୍ତି। ତେବେ ତାଙ୍କ ବଦଳି ବାତିଲ କରିବାକୁ ମହିଳାମାନେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ ବଦଳି ବାତିଲ ନ ହେବାରୁ ମହିଳାମାନେ ଧାରଣା ଦେଇଥିବା ସୂଚନା ମିଳିଛି।




ଧରଣାରେ ସାମିଲ ମହିଳାମାନେ।

## ମାଳଦା ହାଇସ୍କୁଲ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

ଭଣ୍ଡାରିପୋଖରୀ, ୧୮।୯ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ଉଚ୍ଚ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଲକ୍ଷ୍ମୀଧର ନାୟକଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଧାନ ଶିକ୍ଷକ ଗୌତମ ପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରୀତିକାନ୍ତ ରାଉତ, ଭାଗୀରଥି ବେଉରିଆ, ନବକିଶୋର ପରିଡ଼ା, ଯଦୁମଣି ଦାସ, ରାମଚନ୍ଦ୍ର ମହାନ୍ତି, ନୀଳମଣି ନାୟକ, ଘନଶ୍ୟାମ ପରିଡ଼ା, ବଟକୃଷ୍ଣ ରାଉତ, ଜଗନ୍ନାଥ ମହାନ୍ତି, ଖବରଦାତା ରାଜେନ୍ଦ୍ର ଶତପଥୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ବାବାଜୀ ଚରଣ ମଲିକ, ପ୍ରଦୀପ୍ତ ସାମଲ, ବିକାଶ ଦାଶ, ଧରଣୀଧର ଦାସ, ହରେକୃଷ୍ଣ ଦ୍ୱିବେଦୀ, ବ୍ରଜ କିଶୋର ଓଝା, କରୁଣାକର ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନ ଆଚାର୍ଯ୍ୟଙ୍କ ଅସ୍ୱାଭାବିକ ମୃତ୍ୟୁ

ରୂପସା, ୧୮।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ନଳବାହାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗିରିଜା ଶଙ୍କର ଜେନାଙ୍କର ସୋମବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ଗଣେଶ ପୂଜା ଉପଲକ୍ଷେ ସଜବାଜ ପାଇଁ ସୋମବାର ଜେନାଙ୍କ ସହିତ ଅନ୍ୟ ଗୁରୁମା ଗୁରୁଜୀମାନେ ବିଦ୍ୟାଳୟରେ ରହିଥିଲେ। ତାଙ୍କୁ ହଠାତ୍ ବାନ୍ତି ହେବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟାଳୟ କମିଟି ସମସ୍ତ ସଦସ୍ୟ, ତାଙ୍କର ସହକର୍ମୀମାନଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ବସ୍ତା ଥାନା କୁଡ଼ିଆ ଗ୍ରାମର ଅଧିବାସୀ ଅଟନ୍ତି। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

# ରାଜନୈତିକ ରୂପ ନେଉଛି ନିଳାମ୍ବର ହାଇସ୍କୁଲ ବିବାଦ

ଖଇରା, ୧୮।୯ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ନିଳାମ୍ବର ହାଇସ୍କୁଲ ଘଟଣା ଏବେ ରାଜନୈତିକ ରୂପ ନେଉଥିବାରୁ ବିଦ୍ୟାଳୟ ପରିବେଶ ଅଶାନ୍ତ ହୋଇପଡୁଛି। ଆରୋପ ପ୍ରତ୍ୟାରୋପକୁ ନେଇ ଅଭିଭାବକ ୨ ଗୋଷ୍ଠୀରେ ବିଭକ୍ତ ହୋଇସାରିଥିବା ବେଳେ ବ୍ୟକ୍ତିଗତ ଆକ୍ରୋଶ ମନୋଭାବକୁ ନେଇ ସ୍କୁଲ ଭିତର ଘଟଣା ଏବେ ହାଟରେ ପଡି ଦାଣ୍ଡରେ ଗଡ଼ିଲାଣି। କିଛି ରାଜନୈତିକ ଦଳ ଭିନ୍ନ ଉଦ୍ଦେଶ୍ୟ ଚରିତାର୍ଥ କରିବାକୁ ଏବେ ଅଭିଭାବକଙ୍କୁ ବାହ୍ୟ ସମର୍ଥନ ଦେଇ ଘଟଣାକୁ ଅଧିକ ବିବାଦୀୟ କରୁଥିବାରୁ ଶୈକ୍ଷିକ ପରିବେଶ ଧୂଳିସାତ ହେବାକୁ ବସିଲାଣି। ତୁରନ୍ତ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଐତିହ୍ୟ ଗାରିମାକୁ ଦୃଷ୍ଟିରେ ରଖି ଅଭିଭାବକ, ପରିଚାଳନା କମିଟି ସଦସ୍ୟଙ୍କ ମତାମତକୁ ଭିତ୍ତି କରି ଘଟଣାର ସମାଧାନ କରିବାକୁ ଦାବି ହୋଇଛି।

କିଛିଦିନ ତଳେ ପ୍ରଧାନଶିକ୍ଷକଙ୍କ ନାମରେ ଆର୍ଥିକ ଅନିୟମିତତା, ଛାତ୍ରୀ ଅସଦାଚରଣ କରାଯାଉଥିବା ଅଭିଯୋଗ କରି କିଛି ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଶିକ୍ଷା ନିର୍ଦ୍ଦେଶକ, ଖଇରା ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରିଥିଲେ। ହେଲେ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଧର, ଆଲୁମିନି ସଭାପତି ଅମୂଲ୍ୟ ରାଉତ ଏଭଳି ଅଭିଯୋଗକୁ ଖଣ୍ଡନ କରି ପ୍ରଧାନଶିକ୍ଷକଙ୍କ ବିଦ୍ୟାଳୟ ପ୍ରତି ଯଥେଷ୍ଟ ଅବଦାନ ରହିଛି । ଯେଉଁ ବ୍ୟକ୍ତିମାନଙ୍କ ଭିତିରି ଅଭିଳାଷା ଚରିତାର୍ଥ ହୋଇପାରୁନାହିଁ ଏବଂ ବିଦ୍ୟାଳୟର ବହୁ ମୂଲ୍ୟ ଜମିକୁ ମାଡି ବସିଛନ୍ତି ସେମାନେ ପ୍ରଧାନଶିକ୍ଷକଙ୍କୁ ହଟାଇବାକୁ ଚାହୁଁଛନ୍ତି ବୋଲି କହିଥିଲେ। ଆଇଆଇସି ଗୟାଧର ବେହେରାଙ୍କୁ ପଚାରିବାରେ ସେ ପ୍ରଧାନଶିକ୍ଷକଙ୍କୁ ପଚରାଉଚୁରା କରିଥିଲେ। ଏଥିରେ ସେଭଳି ସତ୍ୟତା ନ ଥିବାର ଉପଲବ୍ଧି କରୁଥିବା କହିଥିଲେ। ଘଟଣାକ୍ରମେ ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ଭଳି ଏକ ସଙ୍ଗଠନର କର୍ମକର୍ତ୍ତା ସୋମବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଅଭିଭାବକଙ୍କୁ ମତ ସଂଗ୍ରହ କରି ଫେରିଛନ୍ତି।

# ଗଳାପୋଲ ନିର୍ମାଣ ନ ହେଲେ ୨୨ରେ ରେଳରୋକୋ

ଚାନ୍ଦବାଲି, ୧୮।୯ (କିଶାନ ପାତ୍ର)

**ବାଂଶଡ଼ା-ଧାମରା ଆଞ୍ଚଳିକ ବିକାଶ ମଞ୍ଚର ଚେତାବନୀ**

ଭଦ୍ରକ ଜିଲା ଧାମରା ନିକଟସ୍ଥ ବାଂଶଡ଼ାଠାରେ ଏକ ଗଳାପୋଲ ନିର୍ମାଣ ନ ହେଲେ ଆସନ୍ତା ୨୨ ତାରିଖରେ ରେଳରୋକୋ କରାଯିବ ବୋଲି ବାଂଶଡ଼ା-ଧାମରା ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ବାଂଶଡ଼ା ବଜାରରେ ଆହୂତ ଏହି ସମ୍ମିଳନୀରେ ବାଂଶଡ଼ା-ବଳିହାରପୁର ଦେଇ କରଞ୍ଜମାଳ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଗଳାପୋଲ, ଧାମରା ବନ୍ଦରରେ ସ୍ଥାନୀୟ ଯୁବତୀଯୁବକଙ୍କ ପାଇଁ ସ୍ଥାୟୀ କର୍ମନିଯୁକ୍ତି ଯୋଜନା ପ୍ରସ୍ତୁତି କରିବା, ଆଗରୁ ନିର୍ମିତ ଗଳାପୋଲ ନିକଟରେ ବହୁ ସମୟରେ ଦୁର୍ଘଟଣା ଘଟୁଥିବାରୁ ସେଠାରେ ଆଲୋକୀକରଣ ବ୍ୟବସ୍ଥା ଆଦି ୫ଟି ଦାବି ଉପସ୍ଥାପନ କରାଯାଇଥିଲା। ୨୨ ତାରିଖ ସୁଦ୍ଧା ବନ୍ଦର କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଦାବି ନ ଶୁଣିଲେ ଧାମରା ବନ୍ଦର କରୁଥିବା ରାସ୍ତା କାର୍ଯ୍ୟ ବନ୍ଦ କରିବା ସହ ଧାମରା-ଭଦ୍ରକ ରେଳପଥରେ ଟ୍ରେନ୍ ଚଳାଚଳ ବନ୍ଦ କରିବାକୁ ବାଧ ହେବେ ବୋଲି ମଞ୍ଚର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏନେଇ ପ୍ରଶାସନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସେମାନେ ବାଂଶଡ଼ା ଥାନାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବିକାଶ ମଞ୍ଚର ସଭାପତି ଅଜୟ କୁମାର ପଲେଇ, ସମ୍ପାଦକ ଜିତେନ୍ଦ୍ର ନାୟକ, ବୀରବର ପାତ୍ର, ଉଗ୍ରେସନ ମଲ୍ଲିଆଳ, ଗଜେନ୍ଦ୍ର ପାତ୍ର, ଦୀପକ ଦାସ, ପ୍ରଫୁଲ୍ଲ ନାୟକ, ବାଇଧର ରାଉତ, ନବକିଶୋର ସାହୁ, କାଶିନାଥ ପଲେଇ, ରାଜେନ୍ଦ୍ର ପଲେଇ, ହରିହର ବୀର, ଶ୍ରୀକୃଷ୍ଣ ପଲେଇ, ଆଲୋକ ରାଉତଙ୍କ ସହ ବାଂଶଡ଼ା ବିଦ୍ୟାଳୟର ଛାତ୍ରୀଛାତ୍ର ସମ୍ମିଳନୀରେ ଉପସ୍ଥିତ ଥିଲେ।



ବାଂଶଡ଼ା ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଭାଜପାର ପ୍ରେସ୍‌ମିଟକୁ ନେଇ ଚର୍ଚ୍ଚା

କେନ୍ଦୁଝର, ୧୮।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀକୁ ନେଇ ଭାଜପା ପକ୍ଷରୁ ଏକ ପ୍ରେସ୍‌ମିଟ ସୋମବାର ଜିଲା କାର୍ଯ୍ୟାଳୟରେ ଡକାଯାଇଥିଲା। ମାତ୍ର ଜିଲା ଭାଜପା ସଭାପତି କିମ୍ବା ସଦର ବିଧାୟକଙ୍କ ଅନୁପସ୍ଥିତିରେ ଖବରଦାତା ସମ୍ମିଳନୀ ହୋଇଥିବାରୁ ଏହାକୁ ନେଇ ଦଳରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଏହି ନିର୍ବାଚନମଣ୍ଡଳୀରୁ ଦୁଇଥର ନିର୍ବାଚନରେ ଛିଡ଼ା ହୋଇ ପରାଜିତ ହୋଇଥିବା ଭାଜପା ନେତା ପୃଥୀରାଜ କୁଅଁର ଏହି ପ୍ରେସ୍‌ମିଟ୍ ଡାକିଥିଲେ। ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ଘଟିଥିବା ହତ୍ୟାକାଣ୍ଡ ଓ ସନ୍ଦେହଜନକ ମୃତ୍ୟୁ ତାଲିକା ସହ ଦୀର୍ଘ ୨୪ ବର୍ଷ ହେଲା ଶାସନ କାଳରେ ଘସିପୁରା କ'ଣ ପାଇଛି, ତାହା ଖବରଦାତା ସମ୍ମିଳନୀର ଡକାଯିବାର ଉଦ୍ଦେଶ୍ୟ ଥିଲା। ହିଂସା, ବେରୋଜଗାର ସମସ୍ୟା, ଶିଳ୍ପ ସମସ୍ୟା, ନିର୍ବାଚନ ସମୟରେ ପୋଲିଂ ବୁଥ୍‌ରେ ରିଗିଂ ଓ ଜବରଦଖଲ ଆଦି ବିଷୟରେ କହିଥିଲେ। ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ଏକ ପ୍ରଚାରପତ୍ର ଉନ୍ମୋଚନ କରାଯାଇଥିଲା। ଏଥିରେ ନାମ ନ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ତାଙ୍କ ପୁତ୍ରମାନଙ୍କ ଦୁର୍ନୀତି ବିଷୟରେ ଉଲ୍ଲେଖ କରିଥିବା ବେଳେ ମାଫିଆଙ୍କଠାରୁ ଚାନ୍ଦା ଆଦାୟ, ବିଭିନ୍ନ ହତ୍ୟା ଘଟଣାରେ ସମ୍ପୃକ୍ତି, ବାଲି ମୋରମ ଚୋରା କାରବାରରେ ସଂଶ୍ଳିଷ୍ଟ ଥିବା ନେଇ ଉଲ୍ଲେଖ କରାଯାଇଛି। ତେବେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ନିଜର ଫଟୋ ଲାଗିଥିବା ବେଳେ ଜିଲା ସଭାପତି କିମ୍ବା ସଦର ବିଧାୟକଙ୍କ ଫଟୋ ନ ଥିବାରୁ ଦଳରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଏଥିରେ ପ୍ରିଣ୍ଟରଙ୍କ ନାମ ମଧ୍ୟ ନାହିଁ। ପ୍ରକାଶଥାଉ କି, ଗତ ନିର୍ବାଚନରେ ହାରିବା ପରେ ତାଙ୍କ ପ୍ରତି ଦଳ ଓ କର୍ମୀଙ୍କ ଆସ୍ଥା ତୁଟିବାକୁ ବସିଥିବା ବେଳେ ଅନେକ ଆଶାୟୀ ପ୍ରାର୍ଥୀ ନିର୍ବାଚନ ଲଢ଼ିବା ପାଇଁ ଆଗେଇ ଆସିଛନ୍ତି। ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଦାବି ହୋଇ ଆସୁଥିବାରୁ ସ୍ଥିତି ବଜାୟ ରଖିବାକୁ ଏଭଳି ପ୍ରେସ୍‌ମିଟ୍ ଆୟୋଜନ କରିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି, ପୃଥୀରାଜ ତାଙ୍କ ନିର୍ବାଚନମଣ୍ଡଳୀ ସମସ୍ୟାକୁ ନେଇ ପ୍ରେସ୍‌ମିଟ୍ କରିଛନ୍ତି। ତେବେ ସେଥିରେ ଜିଲା କାର୍ଯ୍ୟକର୍ତ୍ତାଙ୍କ ଫଟୋ ରହିବା ଦରକାର ଥିଲା।

